## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା, କଟକ

SAMS
Student Academic Management System

Skilled in ODISHA

# ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ ୨୦୨୪-୨୫ ଶିକ୍ଷାବର୍ଷର ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବିଜ୍ଞାପନ ।

ନଂ.୮୬୩୪, ତା-୨୪.୦୬.୨୦୨୪

ସ୍ୱଳ୍ପ ଅବଧି ମଧ୍ୟରେ ନିଯୁକ୍ତି / ଆତ୍ମନିଯୁକ୍ତିକ୍ଷମ ହେବାନିମିତ୍ତ, ଆଇ.ଟି.ଆଇ.ର କୁଶଳୀ ତାଲିମ ଆଣିଦିଏ ଏକ ସୁଯୋଗ । ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଅଗଷ୍ଟ ମାସରୁ ଆରମ୍ଭ ହେବାକୁଥିବା ୨୦୨୪-୨୫ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ **ଦ୍ୱିତୀୟ ପର୍ଯ୍ୟାୟ** ନାମଲେଖା ତା ୨୪.୦୬.୨୦୨୪ରିଖ ଠାରୁ ବିନା Choice Fill ରେ ଚାଲୁ ଅଛି । ଆବେଦନ କରୁଥିବ ଛାତ୍ର ଓ ଛାତ୍ରୀ ମାନେ ତା ୧୮.୦୭.୨୦୨୪ ରୁ ୨୦.୦୭.୨୦୨୪ ରିଖ ପର୍ଯ୍ୟନ୍ତ Choice Fill କରି ପାରିବେ । ଆବେଦନର ଶେଷ ତା **୨୦.୦୭.୨୦୨୪** ରିଖ ପର୍ଯ୍ୟନ୍ତ ରଖାଯାଇ ଅଛି ।

## ପ୍ରଶିକ୍ଷାର୍ଥୀ ମାନଙ୍କ ପାଇଁ ସରକାରୀ ଆଇ.ଟି.ଆଇ.ରେ ଉପଲବ୍ଧ ସୁଯୋଗ:

୧- ଆବାସିକ ସୁବିଧା (ଅଧିକାଂଶଙ୍କ ପାଇଁ)

୨- ସୁଦକ୍ଷା ଯୋଜନାରେ ସମସ୍ତ ବର୍ଗର ଝିଅ ପିଲାଙ୍କ ପାଇଁ, ନିର୍ମାଣକୁସୁମ ଯୋଜନାରେ ନିର୍ମାଣ ଶ୍ରମିକଙ୍କ ପୁଅ ଝିଅଙ୍କ ପାଇଁ, ବାଣିଶ୍ରୀ ଯୋଜନାରେ ସମସ୍ତ ଦିବ୍ୟାଙ୍ଗ ମାନଙ୍କ ପାଇଁ ଓ ଗ୍ରୀନ ପ୍ୟାସେଜ୍ ଯୋଜନାରେ ସମସ୍ତ ଅନାଥପିଲାଙ୍କ ପାଇଁ **ସମ୍ପୂର୍ଣ୍ଣ ମାଗଣା ତାଲିମ**

୩- ଅନୁସୂଚିତ ଜନଜାତି , ଅନୁସୂଚିତ ଜାତି , ଅନ୍ୟାନ୍ୟ ପଛୁଆ ବର୍ଗ , ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ ଶିକ୍ଷାର୍ଥୀ ମାନଙ୍କ ପାଇଁ ପ୍ରେରଣା ବୃତ୍ତି

୪- ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କ ପାଇଁ ଟ. ୩୦୦୦ /- ଙ୍କର ମାଗଣା ୟୁନିଫର୍ମ

## ନାମଲେଖା ପ୍ରଣାଳୀ:

କ) ଆବେଦନକାରୀ ତା- ୦୧.୦୮.୨୦୨୪ ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ / ଅଷ୍ଟମ ଶ୍ରେଣୀ ପାସ) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ଉପଲବ୍ଧ ଅଛି ।

ଗ)SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ଲଗ ଇନ କରି, **ତା୨୦.୦୭.୨୦୨୪ ରିଖ ମଧ୍ୟରେ** onlineରେ ଆବେଦନ କରିପାରିବେ ।

**ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline-୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦କୁ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।**

**ସ୍ୱା/-**
ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ,ଓଡିଶା